DAV PUBLIC SCHOOL, KALINGA NAGAR, BHUBANESWAR

ANNUAL EXAM, 2021-2022

**CLASS -VI**

SUBJECT- **HIGHER ODIA**

---

TIME- 2HOURS MAX. MARKS-40

**ସାଧାରଣ ନିର୍ଦ୍ଦେଶାବଳୀ:**

* ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
* ପ୍ରଶ୍ନପତ୍ରର କ୍ରମିକସଂଖ୍ୟା ଓ ବିଭାଗ ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।
* ଅକ୍ଷରଗୁଡ଼ିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ।
* ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖ ।
* ପ୍ରଶ୍ନପତ୍ରରେ ୪ଟି ବିଭାଗ ଓ ୯ଟି ପ୍ରଶ୍ନ ଅଛି ।

## 'କ' ବିଭାଗ-ପଠନ(୪ନମ୍ବର )

**Q 1. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡ଼ିକର ଉତ୍ତର ପୂର୍ଣ୍ଣ ବାକ୍ୟରେ ଲେଖ ।** 4x1=4

ଅତି ପ୍ରାଚୀନକାଳରୁ ଭାରତୀୟଗଣ ଜୀବନ ଗଠନରେ ଗୁରୁଙ୍କର ଭୂମିକା କେତେଯେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝି ପାରିଥିଲେ । ସହର ନଗରଠାରୁ ଦୂର ବନଭୂମିରେ ଗୁରୁମାନଙ୍କର ଆଶ୍ରମ ରହୁଥିଲା ଏବଂ ଛାତ୍ରଗଣ ସେଠାରେ ପବିତ୍ର ବାତାବରଣ ଭିତରେ ଜୀବନ ଗଠନର ଉଚିତ ଦିଗ୍ଦର୍ଶନ ପାଇପାରୁଥିଲେ । ଛାତ୍ରଛାତ୍ରୀ ଶାରୀରିକ,ମାନସିକ ଓ ନୈତିକ ବିକାଶପାଇଁ ପୂଜ୍ୟ ଗୁରୁଗଣ ଉପଯୁକ୍ତ ଧ୍ୟାନ ଦେଉଥିଲେ । ସେଥିପାଇଁ ରାମଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ଆଶ୍ରମରେ ଏବଂ କୃଷ୍ଣବଳରାମ ମୁନି ସନ୍ଦୀପନୀଙ୍କ ଆଶ୍ରମରେ ରହି ବିଦ୍ୟା ଅଧ୍ୟୟନ କରୁଥିଲେ । ବର୍ତ୍ତମାନ କିନ୍ତୁ ପରିସ୍ଥିତି ବଦଳିଯାଇଛି । ସମାଜର ଶିକ୍ଷକମଣ୍ଡଳୀ ଉପଯୁକ୍ତ ସମ୍ମାନ ପାଉନାହାନ୍ତି ଏବଂ ସେମାନଙ୍କର ନାନାଦି ଅଭାବ ଅସୁବିଧା ଭିତରେ ସେମାନେ ନିଜର କର୍ତ୍ତବ୍ୟ ମଧ୍ୟ ସୁଚାରୁରୂପେ ସମ୍ପାଦନ କରିପାରୁ ନାହାନ୍ତି । ସେମାନେ ନିଜର ଦାବି ହାସଲ କରିବାପାଇଁ ଅନ୍ୟମାନଙ୍କ ପରି ରାଜରାସ୍ତାକୁ ଓହ୍ଲାଇ ଆସୁଛନ୍ତି ଏବଂ ଆନ୍ଦୋଳନ, ହର୍-ତାଳ ଓ ଧର୍ମଘଟ ପ୍ରଭୃତି କରି ସମାଜରେ ସୃଷ୍ଟିକରୁଛନ୍ତି ଏକ ଦୁଃଖଦାୟକ ପରିସ୍ଥିତି । ସବୁଠାରୁ ଦୁଃଖର କଥା ହେଉଛି ଯେ , ଛାତ୍ର ଏବଂ ଶିକ୍ଷକଙ୍କ ଭିତରେ ଉତ୍ତମ ସମ୍ପର୍କ ବା ଉତ୍ତମ ବୁଝାମଣା ରହୁନାହିଁ ।

(କ) ଗୁରୁମାନଙ୍କର ଆଶ୍ରମ କେଉଁଠାରେ ଥିଲା ?

(ଖ) କେଉଁ ଘଟଣାଟି ଅତ୍ୟନ୍ତ ଦୁଃଖ ଦାୟକ ?

(ଗ) ଶିକ୍ଷକମାନେ କେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ?

(ଘ) କୃଷ୍ଣବଳରାମ କେଉଁ ଠାରେ ରହି ଶିକ୍ଷାଲାଭ କରିଥିଲେ ?

## ଖ' ବିଭାଗ'-ଲିଖନ(୮ନମ୍ବର )

Q2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । 1x 4= 4

ପରିବେଶ ସୁରକ୍ଷା , ବ୍ୟାୟାମର ଉପକାରିତା , ବିଜ୍ଞାନର ଅବଦାନ

Q3. ସ୍ୱାସ୍ଥ୍ୟର ଯତ୍ନନେବା ପାଇଁ ଉପଦେଶ ଦେଇ ସାନଭାଇ ନିକଟକୁ ପତ୍ର ଲେଖ । 1x4 =4

କିମ୍ବା

ଦୁଇଦିନ ଛୁଟି ମଞ୍ଜୁର କରିବା ନିମନ୍ତେ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖ ।

## 'ଗ' ବିଭାଗ-ବ୍ୟାକରଣ (୧୦ନମ୍ବର)

Q4. (କ**) ଗଦ୍ୟରୂପ ଲେଖ** (୩ଟି ର) 2x1=2

ଲଗନ,ଜନମଭୂମି,ପରଖର

(ଖ**) ପ୍ରତିଶବ୍ଦ ଲେଖ** (୨ଟି ର ) 2 x1=2

ଜୀବନ , ପୃଥିବୀ , ଦିନକର

5.(କ**) ରୂପ ପରିବର୍ତ୍ତନ କର** (୨ଟି ର ) 2x1=2

ପରିଚୟ ,ଅନୁମାନ ,ଲିଖନ

(ଖ) **ଶୂନ୍ୟସ୍ଥାନ ପୂରଣ କର ।** (୨ଟି ର ) 2x1=2

(i) ଭାରତୀୟ ସଂସ୍କୃତିର ଆଧାର ହେଉଛି -------------।
(ii) ------------ ଦେଶ ହେଉଛି ଅଲିମ୍ପିକ୍ କ୍ରୀଡ଼ାର ଜନ୍ମସ୍ଥଳୀ ।
(iii) ଆର୍କିମିଡିସ୍ ଇଟାଲୀର --------- ସହରରେ ଜନ୍ମ ଗ୍ରହଣ କରିଥିଲେ।

(ଗ**) ଶବ୍ଦାର୍ଥ ଲେଖ ।** (୨ଟି ର) 2x1=2

ଅଗ୍ରଗାମୀ , ସଂହତି , ବକ୍ତବ୍ୟ

## 'ଘ' ବିଭାଗ-ସାହିତ୍ୟ(୧୮ନମ୍ବର )

Q6. **ସପ୍ରସଙ୍ଗ ସରଳାର୍ଥ ଲେଖ ।** 1x5=5

'ଜୀବନେ ମୋର ନାହିଁ ତ କେବେ

କା' ସାଥେ ଅଭିମାନ ।

କିମ୍ବା

" ସତେ ଯେପରି ମଣିଷ ପଶୁ ଓ ପକ୍ଷୀଙ୍କୁ ରୋଗମୁକ୍ତ କରି ସେମାନଙ୍କୁ ସୁସ୍ଥ ସବଳ ରଖିବା ପାଇଁ ସେମାନେ ଜନ୍ମ ନେଇଛନ୍ତି ।

Q7 . **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

2x1=2 (କ)

ପୋଲିସ୍ କାହାକୁ ଧରି ନେଇଗଲା ?

(i) ନିର୍ଦ୍ଦୋଷ ଲୋକଟିକୁ (ii) ଗୁଣ୍ଡାଲୋକଟିକୁ (iii) ପିଲାମାନଙ୍କୁ (iv) ଯାତ୍ରା ଦେଖୁଥିବା ଲୋକମାନଙ୍କୁ

(ଖ) ଶ୍ରୀକୃଷ୍ଣ ଗାଈ ଗୋଠ ନେଇ ଗଲା ବେଳେ ମା'ତାଙ୍କୁ କ'ଣ ଦେବେ ବୋଲି କହିଥିଲେ ?

(i) ପାଚିଲା କଦଳୀ (ii) ସର ଲବଣୀ (iii) ଦଧିଅନ୍ନ (iv) ପେଡ଼ା ସନ୍ଦେଶ

Q୪ . **ସଂକ୍ଷେପରେ ଉତ୍ତର ଲେଖ ।** (୩ଟିର) 3x2=6

(କ) ଜନ୍ମଭୂମି ପ୍ରତି ଆମର କି କର୍ତ୍ତବ୍ୟ ରହିଛି ?

(ଖ) ବିବେକାନନ୍ଦ ସାରା ବିଶ୍ୱରେ କେଉଁ ବାର୍ତ୍ତା ପ୍ରଚାର କରିଥିଲେ ?

(ଗ) ଲେଖକ ସତ୍ୟନାରାୟଣ ରାଜଗୁରୁ ପିଲାଟିକୁ କିପରି ସାହାଯ୍ୟ କଲେ ?

(ଘ) ଓଡ଼ିଶାର ସାମାଜିକ ଓ ପରିବାରିକ ଜୀବନ ମଧୁର କାହିଁକି ?

Q୨. **ପ୍ରଶ୍ନାନୁଯାୟୀ ଉତ୍ତର ଲେଖ ।**(ଦୀର୍ଘ ଗୋଟିକର ) 1x5=5

ଆଲେକଜାଣ୍ଡର ଙ୍କ ମହାନତା ଓ ବୀରତ୍ୱ ସମ୍ପର୍କରେ ଯାହା ଜାଣ ଲେଖ ।

କିମ୍ବା

'ପୁରୁ ଥିଲେ ଜଣେ ଦେଶପ୍ରେମୀ ବୀର' ପଠିତ ବିଷୟ ଅବଲମ୍ବନରେ ଏହାକୁ ଆଲୋଚନା କର ।